ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୪ ଫେବୃୟାରୀ, ୨୦୨୧

**ଦୋକାନ ଭାଙ୍ଗି ଚୋରି**

**କୁଜଙ୍ଗ,(ଡି.ଏନ୍.ଏ.):** ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁସ୍ଥିତ ବିଶ୍ୱନାଥ ନାୟକଙ୍କ ସାର ଓ କୀଟନାଶକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କବାଟ ତାଡ଼ି ୧ଲକ୍ଷ ୮୫ହଜାର ଟଙ୍କା ସହ ୮ଟି ରୁପା ମୁଦ୍ରା ଏବଂ ଓଜନପାଇଁ ବ୍ୟବହୃତ କମ୍ପ୍ୟୁଟରକୁ ନେଇଯାଇଛନ୍ତି। ଏନେଇ ଦୋକାନୀ ମାଲିକ ବିଶ୍ୱନାଥ ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନେଇ ଛାନ୍‌ଭିନ୍ କରିଛି। ଏସମ୍ପର୍କରେ ଥାନାରେ ମାମଲା (ନଂ.୧୧/୨୧) ରୁଜୁ ହୋଇଛି।



**ଆଜି କ'ଣ କେଉଁଠି**

କେନ୍ଦ୍ରାପଡ଼ା
- ଶ୍ରୀବିଷ୍ଣୁ ମହାଯଜ୍ଞ, ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୭ଟା

## ଝୁଲନ୍ତା ମୃତଦେହ ଜବତ

**କୁଜଙ୍ଗ,୨୩।୨(ଡି.ଏନ୍.ଏ.):** କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତର ଜାଲପଦା ଓ ସୁନାଡ଼ିଆ ଗହିର ମଝିରେ ଥିବା କଜା ଗଛ ନିକଟରୁ ମଙ୍ଗଳବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୬/୨୧)ରୁଜୁ ହୋଇଛି। ଜାଲପଦା ଓ ସୁନାଡ଼ିଆ ଧାନ ଗହିର ମଝିରେ ଥିବା କଜାଗଛ ନିକଟ ବିଲରେ ସକାଳେ ଗାଈ ଚରାଳି ଗାଈ ଚରାଉଥିବା ବେଳେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କୁଜଙ୍ଗ ଥାନା ଅଧିକାରୀ ପାରାଗ ପୁରୁ ଓ ଏଏସଆଇ ସୁବ୍ରଜିତ ଦାସ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ପାରାଦୀପ,୨୩।୨(ସ୍ୱ.ପ୍ର.):** ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୧ ତାରିଖରେ ତାଙ୍କ ସ୍ୱାମୀ ମାଛ ଧରିବାକୁ ଯାଇଥିଲେ। ସ୍ଥାନୀୟ ବସ୍ତିର ଜଣେ ଯୁବକ ଏହାର ସୁଯୋଗ ନେଇ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଚିତ୍କାର କରିବାରୁ ଅଭିଯୁକ୍ତ ଖସି ପଳାଇ ଥିଲେ।

## ଦ୍ୱିତୀୟ ବିବାହ ପରେ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୨୩।୨:** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ପାଟକୁରା ଗ୍ରାମରେ ସ୍ତ୍ରୀ ଓ ପୁଅ ଥାଇ ମଧ ପି. ରାଜପ୍ରକାଶ ଦ୍ୱିତୀୟ ବିବାହ କରିଛନ୍ତି। ପ୍ରଥମ ସ୍ତ୍ରୀ ରଶ୍ମିତା ବିଶ୍ୱାଳ କେନ୍ଦ୍ରାପଡ଼ା ସଦର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୭୯/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଫେରାର ଥିବା ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ସୂଚନା ଦେଇଛନ୍ତି। ରଶ୍ମିତା କୁହନ୍ତି ଯେ, ଡେରାବିଶରେ ଚାକିରି ହୋଇଥିବାରୁ ବାଲିଆସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଘର ଭଡା ନେଇ ରହୁଥିଲେ। ଏକାକି ରହୁଥିବା ସୁଯୋଗ ନେଇ ଘର ମାଲିକଙ୍କ ପୁଅ ଡି. ରାଜପ୍ରକାଶ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଘର ମାଲିକଙ୍କୁ ଜଣାଇବା ପରେ ଉଭୟଙ୍କ ବିବାହ କରାଇଥିଲେ। ବିବାହ ପରେ ଯୌତୁକ ନିର୍ଯାତନା ଦିଆଯିବାରୁ ନିକଟସ୍ଥ ଅନ୍ୟ ଏକ ଗ୍ରାମରେ ଘରଭଡା ନେଇ ସ୍ୱାମୀସ୍ତ୍ରୀ ରହୁଥିଲେ। ସେଠାରେ ଏକ ପୁଅ ଜନ୍ମ ହୋଇଥିଲା। କୌଣସି କାରଣରୁ ପରିବାର ଲୋକ ଡି. ରାଜପ୍ରକାଶଙ୍କୁ ଅନ୍ୟ ଏକ ସ୍ଥାନରେ ୧୨ ଦିନ ପୂର୍ବେ ବିବାହ କରିଥିବା ଜଣାପଡିଛି।

## ଅଟୋରିକ୍ସା ଧକ୍କାରେ ମହିଳା ମୃତ

**ନୟାଗଡ଼ ଅଫିସ,୨୩।୨:** ଅଟୋରିକ୍ସା ଧକ୍କାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୂଆଗାଁରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କନକଲତା ଖଟୁଆ। ଘର ନୂଆଗାଁ ପୋଖରୀସାହି । କନକଲତା ଚାଲିକି ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଧାନ କିଣା ଅନିୟମିତତାରେ ୪ ନିଲମ୍ବିତ

**ନୟାଗଡ ଅଫିସ, ୨୩।୨:** ନୟାଗଡ଼ ଜିଲାରେ ଧାନ କିଣା ଅନିୟମିତତା ଅଭିଯୋଗର ପ୍ରମାଣ ମିଳିବା ପରେ ମଙ୍ଗଳବାର ସମବାୟ ବିଭାଗ ୪ ଜଣଙ୍କୁ ନିଲମ୍ବିତ କରିଛି। ଓଡ଼ଗାଁ ବ୍ଲକ ଗୋଲଗାଁ ସମବାୟ ସମିତି ସମ୍ପାଦକ ମାନସ ରଞ୍ଜନ ମିଶ୍ର, କଜଲାଇପଲ୍ଲୀ ସମବାୟ ସମିତି ସମ୍ପାଦକ ରଞ୍ଜନ କୁମାର ସାହୁଙ୍କୁ ଜିଲାପାଳ ପୋମା ଟୁଡୁ ନିଲମ୍ବନ କରିଥିବା ସୂଚନା ମିଳିଛି। ପୂର୍ବରୁ ଗଣିଆ ବ୍ଲକ ଛାମୁଣ୍ଡିଆ ସମବାୟ ସମିତି ପିଅନ ସୁଶାନ୍ତ କୁମାର, କଳସାଖମଣ ସମବାୟ ସମିତି ସମ୍ପାଦକ ରଘୁନାଥ ମହାକୁଡ଼ଙ୍କୁ ଜିଲାପାଳ ନିଲମ୍ବନ କରିଥିବା ଜଣାପଡିଛି।

# ରମାପୁର ଘାଇ ବନ୍ଧର ମାନ ଯାଞ୍ଚ

**ଧର୍ମଶାଳା,୨୩।୨(ଡି.ଏନ.ଏ.)**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଧୀନ ବହୁଚର୍ଚ୍ଚିତ କେଲୁଆ ନଦୀର ରମାପୁର ଘାଇ ଓ ନିମ୍ନମାନର ବନ୍ଧ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ଗତ ମାସରେ ଭିଜିଲାନ୍ସ ବିଭାଗର ଏକ ଟିମ୍ ଉକ୍ତ ଘାଇ ସ୍ଥଳକୁ ଆସି ମାପଚୁପ କରିବା ସହିତ ତଦନ୍ତ କରି ଫେରିଥିଲେ। ମଙ୍ଗଳବାର ପୁଣି ଭିଜିଲାନ୍ସ ବିଭାଗ ଓ କ୍ୱାଲିଟି କଣ୍ଟ୍ରୋଲ ଟିମ୍ ଆସି ନଦୀବନ୍ଧ କାମର ମାନ ଯାଞ୍ଚ କରିଛନ୍ତି। କଟକ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ହରନାରାୟଣ ପତିଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ଏବଂ କ୍ୱାଲିଟି କଣ୍ଟ୍ରୋଲ ଟିମର ଆଉ ମନୋଜ କୁମାର ବେହେରା ଆସି ବନ୍ଧ କାମର ମାନ ଯାଞ୍ଚ କରିଛନ୍ତି। ବନ୍ଧ ଆରମ୍ଭରୁ ୬ କିମି ଯାଏ ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ୪ ଦିନ ବ୍ୟାପି କରାଯିବ। ଏକ କିଲୋମିଟର ବ୍ୟବଧାନରେ ରାସ୍ତାର ୨ ସ୍ଥାନରେ ପିଚୁ ଖୋଲାଯାଇ ମାନ ଯାଞ୍ଚ କରାଯିବ ବୋଲି ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହିକାର୍ଯ୍ୟରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନରେନ ଜେନା ଓ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମନିରଞ୍ଜନ ତ୍ରିପାଠୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟ ୧୬ନଂ ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ନିକଟରୁ ଆରମ୍ଭ ହୋଇ ମଝିପଡ଼ା ପର୍ଯ୍ୟନ୍ତ ଲମ୍ବିଛି। ଆସିଥିବା ଟିମ୍ ବ୍ରାହ୍ମଣୀ ନଦୀ ବନ୍ଧର ଭାଲୁଖାଇଠାରୁ ରାସ୍ତା ଯାଞ୍ଚ କାମ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରମାପୁରଠାରେ ଅଗଷ୍ଟ ୨୮ ବନ୍ୟାରେ ଘାଇ ସୃଷ୍ଟି ହୋଇ ବ୍ୟାପକ ଫସଲ ହାନୀ ଘଟିଥିଲା। ଏହି ବନ୍ଧକୁ ଡିନାମାଇଟ ଦ୍ୱାରା ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ମନୁଷ୍ୟକୃତ ଘାଇ ହୋଇଥିବା ନେଇ ଜଳସେଚନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ମଧ୍ୟ କରାଯାଇଥିଲା। ଏହାକୁ ନେଇ ବିରୋଧୀଦଳ ପକ୍ଷରୁ ତୁମ୍ବିତୁଫାନ କରାଯାଇଥିଲା। ଏହା ମନୁଷ୍ୟକୃତ ଘାଇ ବୋଲି ସେତେବେଳ ରାଜ୍ୟ ମୁଖ୍ୟ ଶାସନ ସଚିବ ସ୍ୱୀକାର କରିଥିଲେ। ଘାଇ ହେବାର ବର୍ଷକ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨୦ କିଲୋମିଟର ବ୍ୟାପି ନଦୀବନ୍ଧର ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ କରାଯାଇଥିଲା। ତେବେ ଏକ ସୁଦୃଢ଼ ନଦୀବନ୍ଧକୁ ମୁନାଫାଖୋର ଠିକାଦାର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏପରି କି ବନ୍ଧକାମ ନମ୍ନମାନର କରାଯାଇଥିବା ହେତୁ ଏହାକୁ ଲୁଚାଇବାକୁ ଯାଇ ଡିନାମାଇଟ ଦ୍ୱାରା ଉଡ଼ାଇ ଦିଆଯାଇଛି ବୋଲି ସ୍ଥାନୀୟ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଲୋକାୟୁକ୍ତ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀଙ୍କ ସମେତ ୬ଜଣଙ୍କୁ ନୋଟିସ ଜାରି କରିଥିଲେ। ଏଥିସହ ଘଟଣାର ଭିଜିଲାନ୍ସ ବିଭାଗ ତଦନ୍ତ କରି ୨ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଭିଜିଲାନ୍ସ ଓ କ୍ୱାଲିଟି କଣ୍ଟ୍ରୋଲ ଟିମ୍ ଦ୍ୱାରା ବନ୍ଧର ମାନ ଯାଞ୍ଚ କରାଯାଉଛି।

# ସରପଞ୍ଚ ପଦବୀ ପାଇଁ ଆଜି ଉପନିର୍ବାଚନ



ପୋଲିଂ ଟିମ୍ ଭୋଟବାକ୍ସ ନେଇ ବୁଥ୍‌କୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି।

**ଖଣ୍ଡପଡା,୨୩।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଡୋଲମରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଭୋଟ ଗ୍ରହଣ ପାଇଁ ୧୮ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ ସେଠାରେ ମୁତୟନ କରାଯାଇଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ କରାଯାଇଛି। ସକାଳ ୭ଟାରୁ ୧୨ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ମୋଟ ୩୯୨୫ ଜଣ ମତଦାତା ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ଟିଙ୍କିନା ବେହେରା ଓ ପ୍ରଶାନ୍ତ କୁମାର ସେଠୀ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଆସନ୍ତା ୨୫ରେ ଖଣ୍ଡପଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

# ପୋଖରୀରୁ ମିଳିଲା ପ୍ରାଚୀନ ଦୀପଦାନି

**ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ଅଚ୍ୟୁତବସନ୍ତ ପଞ୍ଚାୟତ ଅସିହା ଗ୍ରାମର ଏକ ପୋଖରୀ ଖନନବେଳେ ସେଥିରୁ ଏକ ପ୍ରାଚୀନ ପଥରର ଦୀପ ଦାନୀ ମିଳିଛି। ଯାହାକି ତିନି ଶହ ବର୍ଷ ତଳର ବୋଲି ଜଣାପଡ଼ିଛି। ୨୦ ତାରିଖରେ ଉଦ୍ଧାର ହୋଇଥିବା ଏହି ଦୀପ ଦାନୀଟି ଚାରିଫୁଟ୍ ଗୋଲେଇର ବୃହତ ସ୍ତମ୍ଭ ଉପରେ ରହିଥିଲା। ସ୍ତମ୍ଭ ଉପରେ ରହିଥିବା ୫ ଫୁଟ୍ ଚଉଡ଼ା ଓ ୪ଫୁଟ୍ ଲମ୍ବ ଦୀପ ଦାନୀ ମଧ୍ୟରେ ୯ଟି ଗର୍ତ୍ତ ଥିବା ଦେଖାଯାଇଛି। ବିଶିଷ୍ଟ ଐତିହାସିକ ଡ. ହରିଶ ଚନ୍ଦ୍ର ପୃଷ୍ଟି ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରି ଏହା ଶୈବ ଓ ବ୍ରାହ୍ମଣ ଧର୍ମୀୟ ରାଜା ରାଜୁଡ଼ା ସମୟର ଦୀପ ଦାନୀ ବୋଲି ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଅସିହାଗଡ଼ର ରାଜ ପରିବାର ଗୋପାଳ ଜୀଉ ମନ୍ଦିରର ପୂଜାର୍ଚ୍ଚନା ପାଇଁ ଏକ ପୋଖରୀ ଖନନ କରିଥିଲେ। ପୋଖରୀ ମଧ୍ୟରେ ବୃହତ ଦୀପ ଦାନୀ ପ୍ରତିଷ୍ଠା କରିଥିଲେ। ପାଖରୀରେ ଚନ୍ଦନ ପୂର୍ଣ୍ଣିମାରେ ଗୋପାଳ ଜୀଉ ଠାକୁର ଚନ୍ଦନ ଯାତ୍ରା କରିଥାନ୍ତି। ସେହିଭଳି ଶ୍ରାବଣ ପୂର୍ଣ୍ଣିମାରେ ଠାକୁରଙ୍କର ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ସେଥିପାଇଁ ନବଦ୍ୱୀପ ପ୍ରଜ୍ୱଳନ କରାଯାଇଥାଏ। ପୋଖରୀ ମଧ୍ୟରେ ନବଦ୍ୱୀପ ପ୍ରଜ୍ୱଳନ ଯୋଗୁ ସ୍ଥାନୀୟ ଅଞ୍ଚଳ ଆଲୋକିତ ହୋଇଥାଏ। ଏହା ଅଷ୍ଟାଦଶ ଶତାବ୍ଦୀ ସମୟର ବୋଲି ସେ ପ୍ରକାଶ କରିଛନ୍ତି। ଦୀପ ଦାନୀ ଆବିଷ୍କୃତ ହେବା ପରେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି।



ମିଳିଥିବା ପ୍ରାଚୀନ ଦୀପଦାନିକୁ ଐତିହାସିକ ହରିଶ ପୃଷ୍ଟି ଦେଖୁଛନ୍ତି।

## କରୋନା ସମ୍ପର୍କିତ ଆଇନ ସଚେତନତା ଶିବିର

**ଜଗତ୍‌ସିଂହପୁର ଅଫିସ, ୨୩।୨:** ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ କରୋନା ସଂକ୍ରମଣ ଓ ଏସମ୍ପର୍କୀୟ ନିୟମ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବିଚାରପତି କମଳାକାନ୍ତ ରାଉତ ପୌରୋହିତ୍ୟ କରି ଓଡ଼ିଶା ସରକାରଙ୍କ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଏଥିସହ ମହିଳାଙ୍କ ଭରଣପୋଷଣ ଆଇନ, ଘରୋଇ ହିଂସା ନିରୋଧ ଆଇନ ସମ୍ପର୍କରେ ବୁଝାଇଥିଲେ। ପୋଲିସ ଅଧିକାରୀ ବାୟା ମହମ୍ମଦ, କ୍ଷୀରୋଦ ଦାଶ ଓ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଡମ୍ବରୁଧର ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ୟାଙ୍କ ପରିଚାଳକଙ୍କୁ ହତ୍ୟା ଧମକ

**ରାଜନଗର, ୨୩।୨ (ଡି.ଏନ.ଏ.)**

**ଲୋନ୍ ପାଇଁ ଜବରଦସ୍ତି, ଗାଳିଗୁଲଜ**

ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଗାଳିଗୁଲଜ କରିବା, ଲୋନ୍ ପାଇଁ ଜବରଦସ୍ତି କରିବା, ପରିଚାଳକଙ୍କୁ ହତ୍ୟା ଧମକ ଦେବା ଭଳି ଘଟଣାକୁ ନେଇ ରାଜନଗର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ବ୍ୟାଙ୍କ ପରିଚାଳକ ଇତିଶ୍ରୀକାନ୍ତ ସ୍ୱାଇଁଙ୍କ ଅଭିଯୋଗ ମୁତାବକ, ଅପରାହ୍ନ ୩ଟାରେ ସେ ସାନବଡ଼ ଗୋପାଳପୁରସ୍ଥିତ ବ୍ୟାଙ୍କକୁ ଯାଇଥିଲେ। ଏହି ସମୟରେ ଫିରିକିଦାଣ୍ଡି ଗାଁର ଦେବଦତ୍ତ ବରାଳ ଶାଖାରୁ ଋଣ ନେବାକୁ ମହିଳାଙ୍କୁ ଧରି ଆସିଥିଲେ। ଶାଖା ପରିଚାଳକ ନ ଥିବାରୁ ତାଙ୍କୁ ଡାକ ନ ହେଲେ ବ୍ୟାଙ୍କ ଚଳାଇ ଦେବୁ ନାହିଁ କହି ଗାଳିଗୁଲଜ କରିଥିଲେ। ଶାଖା ପରିଚାଳକ ପହଞ୍ଚିବା ପରେ ତାଙ୍କୁ ଗାଳିଗୁଲଜ କରିବା ସହ ଆମେ ଆସିଛୁମାନେ ଲୋନ୍ ନେଇକି ଯିବୁ କହି ଲୋନ୍ ଫାଇଲ ଦେଇଥିଲେ। ଚାଣକ୍ୟ ନାମକ ଜଏଣ୍ଟ ଲିଆବିଲିଟି ଗ୍ରୁପ (ଜେଏଲ୍‌ଜି) ଫାଇଲ ଚେକ୍ କରିବାରେ ୬ ସଦସ୍ୟାଙ୍କ ଦସ୍ତଖତ ଜାଲ ଥିଲା। ସେହି ଗ୍ରୁପର ମେମ୍ବରଙ୍କ ଦସ୍ତଖତ ନେବା ପରେ ଫାଇଲରେ ଥିବା ଦସ୍ତଖତ ଜାଲ ବୋଲି ଜଣାପଡିଥିଲା। ବରାଳ ସମସ୍ତ ସଭ୍ୟାଙ୍କ ଦସ୍ତଖତକୁ ନିଜେ ଫଲ୍ସ କରି ମାରିଥିଲେ। ଏପରି ଅନେକ ଫାଇଲ ସେ ଦେବାରୁ ସମସ୍ତ ଫାଇଲ ସୋସାଇଟି ସମ୍ପାଦକଙ୍କ ମାଧମରେ ଆଣି ଦେବାକୁ କୁହାଯାଇଥିଲା। ଏହାପରେ ଆମେ ଟୋକା ଚାହିଁଲେ କାଟି ଦେବୁ, ଟେକି ନେବୁ, ଶୀଘ୍ର ଋଣ ମଞ୍ଜୁର କର ବୋଲି କହିବା ସହ ଧମକ ଦେଇଥିଲେ। ଇଟା ଧରି ଶାଖା ପରିଚାଳକ ସ୍ୱାଇଁଙ୍କୁ ବାଡେଇବାକୁ ଆସିବା ବେଳେ ଷ୍ଟାଫ୍‌ମାନେ ଧରିବାରୁ ରକ୍ଷା ପାଇ ଯାଇଥିଲି ବୋଲି ଶାଖା ପରିଚାଳକ ସ୍ୱାଇଁ ଅଭିଯୋଗ କରିଛନ୍ତି। ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ୨ ସେବା ସମବାୟ ସମିତି ସମ୍ପାଦକ ନିଲମ୍ବିତ

**ରାଜନଗର/ପଟ୍ଟାମୁଣ୍ଡାଇ, ୨୩।୨(ଡି.ଏନ.ଏ./ ସ୍ୱ.ପ୍ର)**

**ଧାନମଣ୍ଡିରେ ଅନିୟମିତତା**

ଧାନମଣ୍ଡି ଖୋଲାଯାଇ ଚାଷୀଙ୍କୁ ଶୋଷଣ କରାଯିବା ସହ ଧାନ ସିଧାସଳଖ ମିଲକୁ ପଠାଯାଉଥିବା ଭଳି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଧାନମଣ୍ଡି ଦାୟିତ୍ୱରେ ଥିବା ସମବାୟ ଓ ଯୋଗାଣ ବିଭାଗ ଚାଷୀ ପରିବର୍ତ୍ତେ ମିଲରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ। ଏଭଳି ଅନିୟମିତତାକୁ ନେଇ ଚାଷୀଙ୍କ ଅଭିଯୋଗ ପରେ ମଙ୍ଗଳବାର ରାଜନଗର ନିର୍ବାଚନମଣ୍ଡଳୀର ୨ ସେବା ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି। ରାଜନଗର ବ୍ଲକ ଡାଙ୍ଗମାଳ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଘନଶ୍ୟାମ ଜେନା ଓ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ରଙ୍କୁ ନିଲମ୍ବନ କରାଯାଇଛି। ଡାଙ୍ଗମାଳ ସେବା ସମବାୟ ସମିତି ସମ୍ପାଦକ ଭାବେ ରାଜନଗର ସେବା ସମବାୟ ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଓ ସଂସାରଫଳ ସେବା ସମବାୟ ସମିତି ସମ୍ପାଦକ ଭାବେ ଚନ୍ଦନନଗର ସେବା ସମବାୟ ସମିତି ସମ୍ପାଦକ ଅଶୋକ ରାଉତଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଡ୍‌ମିନ୍‌ଷ୍ଟ୍ରେଟର ସଚ୍ଚିଦାନନ୍ଦ ଜେନା ଏଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ କରିଛନ୍ତି।

ଜାନୁୟାରୀ ୩୦ରେ ରାଜନଗର ବ୍ଲକ ଡାଙ୍ଗମାଳଠାରେ କେନ୍ଦ୍ରାପଡ଼ା ଜିଲା ଯୋଜନା ବୋର୍ଡ ବୈଠକରେ ମଣ୍ଡିରେ ଧାନକିଣାରେ ଅନିୟମିତତା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ତଦନ୍ତ କରିବାକୁ କହିଥିଲେ। ପରେ ଏଆରସିଏସ୍ ଦେବୀ ପ୍ରସାଦ ସ୍ୱାଇଁ ଡାଙ୍ଗମାଳ ସୋସାଇଟି ଦୁର୍ନୀତିର ତଦନ୍ତ କରିଥିଲେ।

## ବ୍ରାଉନସୁଗାର ଜବତ: ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୩।୨:** ଜଗତ୍‌ସିଂହପୁର ଥାନା ଗଉଡୁଣିପଡ଼ିଆରୁ ମଙ୍ଗଳବାର ୧୭.୫୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗଉଡୁଣିପଡ଼ିଆ କାଂସ (ଖିରବାଟି) ଗ୍ରାମର ଟିକି ମହମ୍ମଦ (୩୭)। ଜବତ ବାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୫ ହଜାର ହେବ ବୋଲି ଜଗତ୍‌ସିଂହପୁର ଅବକାରୀ ଇନିସ୍ପେକ୍ଟର ପ୍ରତାପ କୁମାର ଦାସ କହିଛନ୍ତି। ଏନେଇ ମାମଲା (ନଂ.୨୬/୨୦-୨୧) ରୁଜୁ ହୋଇଛି। ବିଶେଷସୂତ୍ରରୁ ଖବରପାଇ ଅବକାରୀ ଇନିସ୍‌ପେକ୍ଟର ଦାସ ଗଉଡୁଣିପଡ଼ିଆରେ ଅଚାନକ ଚଢ଼ାଉ କରିଥିଲେ।

# ବୃଦ୍ଧାଙ୍କ ଘର ଭାଙ୍ଗି ଦେଲେ ପୁଅ, ନାତି

**ପଟ୍ଟାମୁଣ୍ଡାଇ, ୨୩।୨(ସ୍ୱ.ପ୍ର.)**

ବୃଦ୍ଧା ମୁକ୍ତି ସ୍ୱାଇଁ(୮୦)ଙ୍କ ଚାଳଘର ତାଙ୍କ ପୁଅ ଓ ନାତି ମଙ୍ଗଳବାର ସକାଳେ ଭାଙ୍ଗି ଦେଇଛନ୍ତି। ଫଳରେ ବାସହୀନ ବୃଦ୍ଧା ରହିବା ଖାଇବା ଅସମ୍ଭବ ହୋଇପଡ଼ିଛି। ଏ ନେଇ ମୁକ୍ତି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦୁଇ ଦୁଇ ଥର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଚଢ଼ାଉ କରିଥିଲେ ମଧ ସେମାନେ ଫେରାର ହୋଇ ଯାଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ସାନଗରା ଗାଁର ମୁକ୍ତି ସ୍ୱାମୀଙ୍କୁ ହରାଇ ସାନପୁଅ ସହଦେବଙ୍କ ନିକଟରେ ରହୁଥିଲେ। ହେଲେ ଅନ୍ୟ ଦୁଇପୁଅ ଭୀମସେନ ଓ ନକୁଳ, ବଡ଼ବୋହୂ ସରୋଜିନୀ ଓ ନାତି ଶୁଭକାନ୍ତ ବୃଦ୍ଧାଙ୍କ ସାଙ୍ଗରେ କଳିତକରାଳ କରନ୍ତି। ଏହା ଅସହ୍ୟ ହେବାରୁ ମୁକ୍ତି ପଟ୍ଟାମୁଣ୍ଡାଇ କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଇଜଲାସରେ ଏକ ଘରୋଇ ହିଂସା ନଂ.୧୨/୨୦୨୦ରେ ମାମଲା ରୁଜୁ କରିଥିଲେ। ମାଜିଷ୍ଟ୍ରେଟ୍ ସୋମବାର ଏକ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ନାମାରେ କହିଛନ୍ତି ଯେ, ୩ ପୁଅ ବୃଦ୍ଧା ମୁକ୍ତିଙ୍କୁ ମାସିକ ହଜାର ଟଙ୍କା ଲେଖାଏ ପ୍ରଦାନ କରିବେ। ପାରିବାରିକ ହିଂସା କରିପାରିବେ ନାହିଁ। ଏହା ସହ ପୋଲିସଙ୍କୁ ବୃଦ୍ଧାଙ୍କ ସୁରକ୍ଷା ଓ ଥଇଥାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମଙ୍ଗଳବାର ସକାଳେ କୌଣସି ସୂତ୍ରରୁ ଖବରପାଇ ପୁଅମାନେ ଓ ନାତି ମୁକ୍ତି ମୁଣ୍ଡ ଗୁଞ୍ଜିଥିବା ଏକ ଘରକୁ ଭାଙ୍ଗି ଦେଇଛନ୍ତି।

## ଜମି ବିବାଦକୁ ନେଇ ଗଣ୍ଡଗୋଳ,୩ ଗିରଫ

**ରସୁଲପୁର,୨୩।୨(ଡି.ଏନ.ଏ.)**

କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଜମି ବିବାଦକୁ ନେଇ ଗଣ୍ଡଗୋଳ ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷରୁ ୩ଜଣଙ୍କୁ ଗିରଫ କରି କୋର୍ଟଚଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାଳନ୍ଦୀ ଦାସ, ବଳରାମ ଦାସ ଓ ଗଙ୍ଗାଧର ଦାସ। ଗଙ୍ଗାଧର ଓ ବଳରାମ ପରିବାର ମଧ୍ୟରେ ବହୁ ଦିନ ଧରି ବିବାଦ ଲାଗି ଆସୁଥିଲା। ତେବେ ଗଙ୍ଗାଧର ଘର ପଛପଟ କାନ୍ଥ ପ୍ଲାଷ୍ଟର କରିବା ସମୟରେ ବଳରାମ ବିରୋଧ କରିଥିଲେ। ପରେ ଗଙ୍ଗାଧର ନିତିଦିନିଆ ରାସ୍ତାକୁ ବନ୍ଦ କରିଥିଲେ। ଏହାକୁ ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ଉଭୟ ପକ୍ଷ ସମର୍ଥନ ନ ଜଣାଇବାରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଙ୍ଗାଧରଙ୍କ ସ୍ତ୍ରୀ ଗୁରୁବାରୀଙ୍କ ଅଭିଯୋଗ ଆଧାରେ ପୋଲିସ ବଳରାମ ଓ କାଳନ୍ଦୀଙ୍କୁ ଗିରଫ କରିଥିଲା। କବିତା ଦାସଙ୍କ ଅଭିଯୋଗ ଆଧାରରେ ଗଙ୍ଗାଧରଙ୍କୁ ଗିରଫ କରିଥିଲା।

# ଭୈମୀ ଏକାଦଶୀ ମେଳା ଆରମ୍ଭ

**ଖଣ୍ଡପଡା,୨୩।୨(ସ୍ୱ.ପ୍ର.)**

ଶ୍ରୀନୀଳମାଧବଙ୍କ ଭୈମୀ ଏକାଦଶୀ ମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ଦର୍ଶନ ତଥା ରାତିରେ ବଡ଼ ଏକାଦଶୀ ମହାଦୀପ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସକାଳୁ ବହୁ ଭକ୍ତ ମହାନଦୀରେ ବୁଡ଼ ପକାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା।

# ଲଡୁବାବାଙ୍କ ଜାଗରଯାତ୍ରା ପ୍ରସ୍ତୁତି

**ନୀତିକାନ୍ତି ହେବ, ଭକ୍ତଙ୍କ ପାଇଁ ଦର୍ଶନ ମନା**

**ନୟାଗଡ଼ ଅଫିସ,୨୩।୨:** ଓଡିଶାର ପ୍ରସିଦ୍ଧ ଶୈବପୀଠ ନୟାଗଡ ଜିଲାର ଶରଣକୂଳସ୍ଥିତ ଲଡୁବାବାଙ୍କ ପୀଠରେ ମହାଶିବରାତ୍ରୀ(ଜାଗର) ଯାତ୍ରା ନେଇ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଲଗ୍ନଜିତ ରାଉତ, ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ, ତହସିଲଦାର ବିଜୟିତା ସାମନ୍ତସିଂହାର ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ମାର୍ଚ୍ଚ ୧୧ରେ ଜାଗରରେ ଲଡୁବାବାଙ୍କ କେବଳ ନୀତିକାନ୍ତି ହେବ। ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇବେ ନାହିଁ। ତା' ପରଦିନ ଦର୍ଶନ କରିବେ। କୌଣସି ଯାତ୍ରା ହେବ ନାହିଁ। କରୋନା କଟକଣା ଦୃଷ୍ଟିରୁ ଚଳିତବର୍ଷ ଏପରି ପଦକ୍ଷେପ ନିଆଯାଇଛି ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ବାଲିକୁଦା,୨୩।୨(ସ୍ୱ.ପ୍ର.)**

ବାଲିକୁଦା ତହସିଲ ଅଧୀନ ମଙ୍ଗରାଜପୁର ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବିଜୟ ତ୍ରିପାଠୀ ଓ ନିମାଇଁ ତ୍ରିପାଠୀଙ୍କ ୩ ବଖରା ଚାଳ ଘର ଜଳିଯାଇଛି। ବିଦ୍ୟୁତ୍ ସର୍ଟ ଶର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସନ୍ଧ୍ୟାରେ ପ୍ରଥମେ ବିଜୟଙ୍କ ଘରେ ନିଆଁ ଲାଗି ନିମାଇଁଙ୍କ ଘରକୁ ବ୍ୟାପି ଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ବାଲିକୁଦା ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଓ ଖାଦ୍ୟ ପଦାର୍ଥ ଏବଂ ଲୁଗାପଟା ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା।

# ଦୁର୍ବୃତ୍ତ ଏଟିଏମ୍ ତାଡ଼ିଲେ, ଟଙ୍କା ନେବାରେ ବିଫଳ

**ଆଳି,୨୩।୨(ଡି.ଏନ୍.ଏ.):** ଆଳି ଥାନା କଟକ-ଚାନ୍ଦବାଲି ରାସ୍ତାର ଚଣ୍ଡୀବଜାରଠାରେ ଥିବା ଇଣ୍ଡିକ୍ୟାସ୍ ଏଟିଏମ୍‌କୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଡି ଟଙ୍କା ନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ରାତିରେ ଦୁର୍ବୃତ୍ତମାନେ ଏଟିଏମ୍‌ର ଡିସ୍‌ପ୍ଲେ କ୍ୟାବିନ ଓ କ୍ୟାଶ ଫଣ୍ଡ ଡୋର ତାଡି ଦେଇଥିବା ଦେଖିବାକୁ ମିଳିଛି। ସିସିଟିଭି କ୍ୟାମେରା ମଧ୍ୟ ଭାଙ୍ଗି ଦେଇଛନ୍ତି। ହେଲେ ଆଉ ଦୁଇଟି ଡୋର ଭାଙ୍ଗି ନ ପାରିବାରୁ ଟଙ୍କା ନେବାରେ ବିଫଳ ହୋଇଛନ୍ତି। ମଙ୍ଗଳବାର ସକାଳେ ଏ ବିଷୟରେ ଜଣାପଡିବା ପରେ ବ୍ୟାଙ୍କ ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ, ଆଳି ଥାନା ଆଇଆଇସି ସଲିଳ ପ୍ରଧାନଙ୍କ ସହ ଟିମ୍, ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲେ। ସାଇଣ୍ଟିଫିକ୍ ଟିମ ଓ ପୋଲିସ କୁକୁର ଡକାଇ ଅନୁସନ୍ଧାନ କରିଛନ୍ତି। ସନ୍ଧାନୀ କୁକୁର ଓ ତଦନ୍ତକାରୀ ଦଳ ଖବର ଲେଖା ହେବା ପର୍ଯ୍ୟନ୍ତ ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ କୌଣସି ସୁରାକ ପାଇନାହାନ୍ତି। ସୂଚନାଯୋଗ୍ୟ, ୩ ତାରିଖ ରାତିରେ ଡକାୟତମାନେ କଟକ-ଚାନ୍ଦବାଲି ମୁଖ୍ୟରାସ୍ତାର ପତ୍ରପୁରଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଓ ନିଆଳଠାରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌କୁ ଗ୍ୟାସ କଟର ଯୋଗେ କାଟି ୪୨ ଲକ୍ଷ ୮୨ ହଜାର ୫୦୦ ଟଙ୍କା ଲୁଟି ନେଇଥିଲେ।



## କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା ଅଫିସ, ୨୩।୨**

କେନ୍ଦ୍ରାପଡ଼ା ଜିଲାର ୪ କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ଅମ୍ରିତ ଋତୁରାଜ ଆଳିର ମିନତି ତ୍ରିପାଠୀ, ଲିପ୍ସା ପରିଡ଼ା, ରାଜକନିକାର ସାବେରା ବେଗମ୍ ଓ ଖନମ ବେଗମ୍‌ଙ୍କୁ ନିଜ ସ୍ୱାକ୍ଷରରେ ପରିଚୟପତ୍ର ପ୍ରଦାନ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କୁହନ୍ତି, ସ୍ୱୀକୃତି ଯୋଜନା ସହ ତୃତୀୟ ଲିଙ୍ଗୀଙ୍କ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କରିଛନ୍ତି। ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ, ଶିକ୍ଷାବୃତ୍ତି, ୧୮ବର୍ଷ ବୟସ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ସହଯୋଗ ରାଶି, ବୈଷୟିକ ଶିକ୍ଷା ପ୍ରଦାନ, ଆତ୍ମନିଯୁକ୍ତି ପାଇଁ ତାଲିମ ଆଦି ବହୁବିଧ ଯୋଜନା ହୋଇଛି। ଅଦ୍ୟାବଧି ଜିଲାରେ ୯ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

